# ଓଡ଼ିଶା ବିଧାନସଭା

## ପ୍ରଥମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୧୦ ସେପ୍ଟେମ୍ବର ୨୦୨୪

----

[ପଞ୍ଚାୟତିରାଜ ଓ ପାନୀୟ ଜଳ - ଗ୍ରାମ୍ୟ ଉନ୍ନୟନ - ସରକାରୀ ଉଦ୍ୟୋଗ - ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ - ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ଗୃହ ନିର୍ମାଣ ଓ ନଗର ଉନ୍ନୟନ ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ନିରନ୍ତର ଜଳଯୋଗାଣ

*661 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦୟାନଦୀର ଜଳଧାର ନଭେମ୍ବର ସୁଦ୍ଧା ଶୁଖିଯାଇ ଏହାର କାର୍ଯ୍ୟ ଶୁଷ୍କ ହେଉଥିବା ପରିପ୍ରେକ୍ଷୀରେ ଏହା ଉପରେ ନିର୍ମିତ ମେଗା ପାନୀୟ ଜଳ ପ୍ରକଳ୍ପକୁ ପାଣିର ଅଭାବ ଦେଖାଯିବା ସମ୍ଭାବନା ପରିପ୍ରେକ୍ଷୀରେ ଏହି ପ୍ରକଳ୍ପ ନିମିତ୍ତ ନିରନ୍ତର ଜଳ ଆହରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

### ବନ୍ତକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା

*662 ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାର ବନ୍ତକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

### ବୃକ୍ଷ ରୋପଣ

*663 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ ପ୍ରତିବର୍ଷ କେତେ ଗଛ କେଉଁ ଗଛ ସବୁ କେଉଁ ସ୍ଥାନମାନଙ୍କରେ ଲଗାଉଛନ୍ତି; ସେ ବିଷୟରେ ସ୍ପଷ୍ଟ କରିବେ କି; ସେହିଭଳି ନଦୀ, ନାଳ, କେନାଲ , ପୋଖରୀ ଭଳି ବିଭିନ୍ନ ଉତ୍ସ ସେଗୁଡ଼ିକରେ ଜରି, ପ୍ଲାଷ୍ଟିକ ବୋତଲ, ବିଭିନ୍ନ ଜରିଖୋଳ, ଦିଆସିଲି ଖୋଳ ଓ ଅନ୍ୟାନ୍ୟ ଆବର୍ଜନା ସବୁ ପକାଇବା ଦ୍ୱାରା ଜଳ ଦୂଷିତ ହେଉଥିବାରୁ ତାହାର ରକ୍ଷା କିପରି କରାଯିବ ପଦକ୍ଷେପ ନେବେ କି ?

----

## ସରକାରୀ କାର୍ଯ୍ୟାଳୟ Building ଗୁଡିକର ଆଧୁନିକୀକରଣ

*664 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଗୁଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ସରକାରୀ Building ଗୁଡିକର ଆଧୁନିକୀକରଣ, ରକ୍ଷଣାବେକ୍ଷଣ ଓ ସମ୍ପ୍ରସାରଣ କରିବା ପାଇଁ ପଦକ୍ଷେପ ନେବେ କି ?

----

## ନିର୍ମାଣ ଶ୍ରମିକଙ୍କ ପାଇଁ ପ୍ରଶିକ୍ଷଣ ଶିବିର

*665 **ଶ୍ରୀ ହିମାଂଶୁ ଶେଖର ସାହୁ (ଧର୍ମଶାଳା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଧର୍ମଶାଳା ଠାରେ ନିର୍ମାଣ ଶ୍ରମିକ ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ନିର୍ମାଣ ନିମନ୍ତେ ସରକାରଙ୍କ ପାଖରେ ପ୍ରସ୍ତାବ ରହିଛି କି, ଯଦି 'ହଁ', କେବେସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ?

----

## ହିତାଧିକାରୀଙ୍କୁ ଘର ଯୋଗାଣ

*666 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଳିତ ବର୍ଷ କେତେ ସଂଖ୍ୟକ ହିତାଧିକାରୀଙ୍କୁ ଘର ଯୋଗାଇ ଦେବାକୁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ଓ ଏହି ରାଶି ବୃଦ୍ଧି ନିମନ୍ତେ ସରକାରୀ ନିଷ୍ପତ୍ତି କେଉଁ ଆର୍ଥିକ ବର୍ଷ ଠାରୁ ଲାଗୁ କରାଯିବ ?

----

## Water supply to Parlakhemundi Town

*667 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

due to drying of Mahendra Tanaya Water Reservoirs (deepwell), the water supply to Parlakhemundi Town stopped in may, 2024, will the Government

take steps for re-continuation of water supply to Parlakhemundi Town ?

----

## ଏୟାର କ୍ୱାଲିଟିର ମାନ

*୬୬୪ **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟ ପ୍ରଦୂଷଣ ବୋର୍ଡର ରିପୋର୍ଟ ଅନୁସାରେ ଭିସାକୋକ ତାର କୋନଚିଂ ୱାଟରକୁ ରିସାଇକେଲ କରୁଥିବା ବେଳେ ଏସ୍.ଆର.ଟି.ଏସ୍ ର ଆବଶ୍ୟକତା କଣ ଅଛି ଯଦି ଏସ୍.ଆର.ଟି. ଏସ ଭିସା କୋକ୍ ରେ କାର୍ଯ୍ୟକ୍ରମ ଅଛି ତା ହେଲେ ତାର ମାନ ଓ ପରିମାଣ କେତେ ଓ ଏହାକୁ କିଏ ନିର୍ଦ୍ଧାରଣ କରିଛନ୍ତି କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଅନୁସାରେ ଭିସାକୋକ୍ କେବେ ଡ୍ରାଏ କୋନଚିଂ ସିଷ୍ଟମ କାର୍ଯ୍ୟକ୍ଷମ କରିବ, ଡ୍ରାଏ କୋନଚିଂ ଦ୍ୱାରା ବାୟୁ ପ୍ରଦୂଷଣର ମାନ କେତେ ବଢିବ ତାହାର ଅନୁସନ୍ଧାନ କରାଯାଇଛି କି, ବର୍ତ୍ତମାନ ଭିସା କୋକର ଏୟାର କ୍ୱାଲିଟିର ମାନ କେତେ ?

----

## ରାସ୍ତା ହସ୍ତାନ୍ତର

*୬୬୯ **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ଗତବର୍ଷ ପଞ୍ଚାୟତିରାଜ ବିଭାଗରୁ କେଉଁ ରାସ୍ତାଗୁଡିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତରିତ ହୋଇଅଛି ତାର ବ୍ଲକୱାରୀ ଓ ଜିଲ୍ଲାୱାରୀ ରାସ୍ତାଗୁଡିକର ନାମ ଦେବାସହ ହସ୍ତାନ୍ତରିତ ହୋଇଥିବା ରାସ୍ତାଗୁଡିକର ଉନ୍ନତୀକରଣ ପାଇଁ ଚଳିତ ଆର୍ଥିକ ବର୍ଷରେ ବିଭାଗ ତରଫରୁ କେତେ ଟଙ୍କା ଓ କେଉଁ ରାସ୍ତା ପାଇଁ ପ୍ରଦାନ କରାଯାଇଛି ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି, (ଖ) ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (MMSY) ରେ ଚଳିତ ବର୍ଷ ରାଜ୍ୟରେ କେଉଁ କେଉଁ ନିର୍ବାଚନ ମଣ୍ଡଳୀର କେତେ କିଲୋମିଟର ରାସ୍ତାର ଉନ୍ନତିକରଣ ପାଇଁ ବିଭାଗ ତରଫରୁ ଅର୍ଥ ଅନୁଦାନ ପାଇଁ ଯୋଜନା ରଖିଛନ୍ତି ?

----

## କଟକ ଜିଲ୍ଲାରେ ଥିବା Migrant Labour

*670 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

କଟକ ଜିଲ୍ଲା Migrant Labour ସଂଖ୍ୟା କେତେ, ଏହି Migrant Labour ସଂଖ୍ୟା ଆକଳନ ପାଇଁ Migration Prone ଗ୍ରାମ ମାନଙ୍କରେ କୌଣସି ସର୍ଭେ ହୋଇଛି କି, ଏହି ଦାଦନ ଶ୍ରମିକ ମାନେ ମୁଖ୍ୟତଃ କେଉଁ କାର୍ଯ୍ୟ କରିବା ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି, କାର୍ଯ୍ୟକ୍ଷେତ୍ରରେ ସେମାନେ ଶ୍ରମ ଆଇନ ଅନୁସାରେ ସମସ୍ତ ସୁବିଧା ସୁଯୋଗ ପାଉଛନ୍ତି କି ନାହିଁ ସେଥିପାଇଁ ଏହାକୁ ତଦାରଖ କରିବା ପାଇଁ କେଉଁ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି, ଯେଉଁ Employer ମାନେ ଶ୍ରମ ଆଇନର ଖିଲାପ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କିଏ ନେଉଛନ୍ତି କହିବେ କି, exploited Migrated Labour ଙ୍କୁ rescue କରିବା ପାଇଁ କି ପଦକ୍ଷେପ ନିଆଯାଉଛି ତା'ର ଏକ ବିବରଣୀ ଦେବେ କି ?

----

## ଆଇରନ ମୁକ୍ତ ପାଣି

***671 ଡା. ଫକୀର ମୋହନ ନାଏକ (ତେଲକୋଇ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତେଲକୋଇ ନିର୍ବାଚନ ମଣ୍ଡଳୀର ତେଲକୋଇ ବ୍ଲକ ଅଞ୍ଚଳରେ ଅଧିକାଂଶ ସ୍ଥାନରେ ଭୂତଳ ପାନୀୟଜଳ ପ୍ରକଳ୍ପ ବା ଟ୍ୟୁବ ୱେଲ ଗୁଡିକରୁ ଆଇରନଯୁକ୍ତ ପ୍ରଦୂଷିତ ନାଲିପାଣି ବାହାରୁଥିବା କଥା ସରକାରଙ୍କ ଦୃଷ୍ଟିକୁ ଆସିଛି କି ଯଦି ଆସିଥାଏ ତେବେ ଉକ୍ତ ଅଞ୍ଚଳରେ ଭୂତଳ ଜଳ (Ground Water) ପୁନର୍ବାର ପରୀକ୍ଷା କରାଯାଇ ପାନୀୟ ଜଳର ସମସ୍ୟା ଦୂର କରିବା ପାଇଁ ତେଲକୋଇ ବ୍ଲକ ଅଞ୍ଚଳରେ ବସୁଧା ଯୋଜନାରେ ମେଗା ଭୂତଳ ପାନୀୟଜଳ ପ୍ରକଳ୍ପ ନିର୍ମାଣକରି ପାନୀୟ ଜଳ ଯୋଗାଇ ଦେବା ପାଇଁ ଚଳିତ ଆର୍ଥିକ ବର୍ଷରେ ବ୍ୟବସ୍ଥା କରିବେ କି ?

----

## ପୌର ସଂସ୍ଥାର ବାର୍ଷିକ ଯୋଜନା

***672 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ପୌର ସଂସ୍ଥା ଗୁଡିକର ବାର୍ଷିକ ଯୋଜନା ଓ ଅଣ ଯୋଜନା ବ୍ୟୟର କେତେ ପ୍ରତିଶତ ସେମାନେ ଏବେ କେଉଁ ସୂତ୍ରରୁ ସଂଗ୍ରହ କରୁଛନ୍ତି ଏବଂ ଉକ୍ତ ସଂସ୍ଥା ଗୁଡିକର ବ୍ୟୟ ବଢାଇ ବିଭିନ୍ନ ବିକାଶମୂଳ କାମ କରିବା ସକାଶେ କି ପଦକ୍ଷେପ ନିଆଯାଉଅଛି ?

----

## ଜଙ୍ଗଲ ସଂପଦର ସୁରକ୍ଷା

***673 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଜଙ୍ଗଲ ସଂପଦର ଅଭିବୃଦ୍ଧି ପାଇଁ ଓ ତାର ସୁରକ୍ଷା ପାଇଁ କିକି କାର୍ଯ୍ୟକ୍ରମ ସରକାର ଚାଲୁରଖିଛନ୍ତି, ଉଜୁଡା ଜଙ୍ଗଲ ଜମିର ପୁନଃରୁଦ୍ଧାର, କୃତ୍ରିମ ଜଙ୍ଗଲ, ସହରାଞ୍ଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ ମାଧ୍ୟମରେ କେତେ ବୃକ୍ଷ ଚଳିତ ବର୍ଷ ଲଗାଯାଇଛି, ଏକ ପେଡ୍ ମା କେ ନାମ ରେ କେତେ ଗଛ କେଉଁ କେଉଁ ଅନୁଷ୍ଠାନ ମାଧ୍ୟମରେ କେଉଁ ସ୍ଥାନମାନଙ୍କରେ କେଉଁ ଗଛ ସବୁ ଲାଗିଛି, ଯେଉଁ ଗଛଗୁଡିକ ମନୁଷ୍ୟ ସମାଜ ପାଇଁ ଉପକାରୀ, ଦରକାରୀ ସେହି ଗଛଗୁଡିକ ବ୍ୟାପକ ମାତ୍ରାରେ ଲଗାଇବା ପାଇଁ ସ୍କୁଲ, କଲେଜ ପିଲାମାନଙ୍କୁ ସଚେତନ କରାଇବା ପାଇଁ ବିଭାଗ ତରଫରୁ କିଛି କାର୍ଯ୍ୟକ୍ରମ କରାଯିବ କି, ଜଙ୍ଗଲ କିସମ ବୃକ୍ଷ, ଔଷଧୀୟ ବୃକ୍ଷ, ବନ୍ୟଜନ୍ତୁ ଖାଦ୍ୟ ଉପଯୋଗୀ ବୃକ୍ଷ, ଅର୍ଥକାରୀ ବୃକ୍ଷ ରୋପଣ କରିବା ପାଇଁ ସବୁସ୍ତରରେ ସରକାର ଚେଷ୍ଟା କରିବେକି?

----

## ଉନ୍ନୟନ କାର୍ଯ୍ୟପାଇଁ ବ୍ୟୟ ଅଟକଳ

***674 ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ବାସୁଦେବପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବିଗତ ୫ ବର୍ଷ ମଧ୍ୟରେ କେଉଁ କେଉଁ ଉନ୍ନୟନମୂଳକ କାର୍ଯ୍ୟ କେତେ ଖର୍ଚ୍ଚ ବ୍ୟୟରେ, କେଉଁ ସ୍ଥାନରେ କେଉଁ Agency ଦ୍ୱାରା ଏବଂ କେଉଁ ଆଧାରରେ କରାଯାଇ ଅଛି ସମସ୍ତ ତଥ୍ୟ ପ୍ରଦାନ କରିବେ କି; ଚଳିତ ଆର୍ଥିକ ବର୍ଷରେ କେଉଁ କେଉଁ କାର୍ଯ୍ୟ କେତେ ଖର୍ଚ୍ଚ ଅଟକଳରେ କରାଯିବାର ଅଛି ଜଣାଇବେ କି ?

----

## ଶିଶୁ ଶ୍ରମିକ ନିରୋଧ ଆଇନ୍ କାର୍ଯ୍ୟକାରୀ

***675 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଶିଶୁ ଶ୍ରମ ନିରୋଧ ପାଇଁ ରାଜ୍ୟରେ କେବେ କି କି ଆଇନ୍ ପ୍ରଣୟନ ହୋଇଥିଲା ଏବଂ ଏହି ଆଇନ୍ ପ୍ରଣୟନ ପରେ କେଉଁ ବର୍ଷ କେଉଁ ଜିଲ୍ଲାରେ ଏନ୍‌ଫୋର୍ସମେଣ୍ଟ ଚଢାଉରେ କେତେ ସଂଖ୍ୟକ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି, ଏହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ ସହିତ ଏହି ଚଢାଉରେ କେତେ ପରିମାଣର ଜୋରିମାନା ଆଦାୟ ହୋଇଛି, କେତେ ମାମଲା ରୁଜୁ ହୋଇଛି ଓ କେତେ ଲୋକଙ୍କୁ ଜେଲ ଦଣ୍ଡ ହୋଇଛି ତାହାର ଏକ ଜିଲ୍ଲା ଓ ବର୍ଷୱାରୀ ସୂଚନା ପ୍ରଦାନ କରିବେ କି ?

----

## କଲ୍ୟାଣ ମଣ୍ଡପ ନଥିବା ଗ୍ରାମର କଲ୍ୟାଣ ମଣ୍ଡପ ନିର୍ମାଣ

***676 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସହ କେନ୍ଦୁଝର ଜିଲ୍ଲାର କେଉଁ ବ୍ଲକର କେଉଁ ଗ୍ରାମ ପଞ୍ଚାୟତରେ କେତୋଟି ଗ୍ରାମ ଥିଲାବେଳେ କେତୋଟି ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଛି ପ୍ରକାଶ କରି ସାମାଜିକ ଉତ୍ସବ ସମ୍ପାଦନ ନିମନ୍ତେ ପ୍ରତ୍ୟେକ ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ ସହ ଆବଶ୍ୟକ ସ୍ଥଳେ ଜିଲ୍ଲା ଖଣି ଓ ଖଣିଜ ସମ୍ପଦ ପାଣ୍ଠିରୁ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ବ୍ୟବସ୍ଥା କରିବେ କି ?

----

## ଉଠା ଦୋକାନୀଙ୍କ ସୁରକ୍ଷା

*677 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (SUDA) ଦ୍ୱାରା ରାଜ୍ୟରେ ପଞ୍ଜିକୃତ ଉଠା ଦୋକାନୀମାନଙ୍କ ଜୀବନ-ଜୀବିକାର ଉନ୍ନତି ନିମନ୍ତେ କ'ଣ ଯୋଜନା ଗ୍ରହଣ କରିଛନ୍ତି ଅବା କରିବା ଚିନ୍ତା କରୁଛନ୍ତି ? ଯଦି 'ହଁ', ତେବେ କେଉଁ କେଉଁ ସହରକୁ ପ୍ରାଥମିକତା ସହ ଗ୍ରହଣ କରିବେ, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କେତେ ପଞ୍ଜିକୃତ ଉଠା ଦୋକାନୀ ଅଛନ୍ତି, ସହରର ନାମ ସହ ସଂଖ୍ୟା ଦେବେ କି, ରାଜ୍ୟର ସବୁ ସହରରେ ଉଠା ଦୋକାନୀମାନଙ୍କ ସମୀକ୍ଷା ଓ ପଞ୍ଜିକରଣ କରିବାର ପ୍ରସ୍ତାବ ସରକାରଙ୍କ ଅଛି କି, ଯଦି 'ହଁ' ତେବେ କେବେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବାର କଥା ସରକାର ଚିନ୍ତା କରୁଛନ୍ତି, ଏବଂ ଆରମ୍ଭ ହେବାର କେତେ ସମୟ ମଧ୍ୟରେ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବ ?

----

## ଜଙ୍ଗଲ ପରିମାଣ ବୃଦ୍ଧି ପାଇଁ ପଦକ୍ଷେପ

*678 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ଦଶ ବର୍ଷରେ ରାଜ୍ୟର କେଉଁ ଜିଲ୍ଲାରେ ଜଙ୍ଗଲ ପରିମାଣ କେତେ ହ୍ରାସ ବା ବୃଦ୍ଧି ଘଟିଛି, ପ୍ରକାଶ କରି ଜଙ୍ଗଲ ପରିମାଣ ବୃଦ୍ଧି ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଜମି ଅଧିଗ୍ରହଣ

*679 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡଚଣା ନିର୍ବାଚନ ମଣ୍ଡଳୀ ସହ ଯାଜପୁର ଜିଲ୍ଲାରେ କେଉଁ ପ୍ରକଳ୍ପ ଜମି ଅଧିଗ୍ରହଣ ସମସ୍ୟା ଯୋଗୁଁ ସମ୍ପାଦିତ ହୋଇପାରୁନାହିଁ ପ୍ରକାଶ କରି ଜମି ଅଧିଗ୍ରହଣ ସୁସଂହତ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## Tap connections under the Jal Jeevan Mission

*680 Shri Sagar Charan Das (Bhawanipatna):

Will the Minister for **Panchayati Raj & Drinking Water** be pleased to state that:-

What percentage of households in the KBK region have been provided with functional tap connections under the Jal Jeevan Mission as of August 2024, and what steps are being taken to address the significant gaps in coverage?

----

## ମ୍ୟୁନିସିପାଲଟି ଆକ୍ଟ କାର୍ଯ୍ୟକାରୀ

*681 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମପୁର ମହାନଗର ଗଠନ ଦୀର୍ଘ ୧୫ ବର୍ଷ ପୂରଣ ହେଲା, ଓଡିଶା ମ୍ୟୁନିସିପାଲ ଆକ୍ଟ ଅନୁସାରେ ପୁଲିସ କମିସନେରେଟ ବ୍ୟବସ୍ଥା ଥିଲେ ମଧ୍ୟ ତାହା ଆଜି ଯାଏଁ ସରକାର ପୂରଣ କରିନାହାନ୍ତି, ଏହି ଦିଗରେ ପଦକ୍ଷେପ ଗ୍ରହଣ କରିବେ କି ?

----

## Implement of Wood based Industries

*682 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

Forest, Environment and Climate Change Department not follow the Guidelines issued on Gazette of India Dt. 12.09.2017 regarding regulate the wood based industries in Odisha despite many State Government brought amendments, when there guidelines will be implemented for setting of wood based industries in Odisha ?

----

## ରାସ୍ତା ସଂଯୋଗ ପାଇଁ ବ୍ରିଜ୍ ନିର୍ମାଣ

*683 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ନନ୍ଦପୁର ବ୍ଲକ ଅନ୍ତର୍ଗତ G. Sikhariput to Sardi Galgenda ଓ R&B Road ଠାରୁ Gopur ଗାଁ କୁ connect ପାଇଁ ବ୍ରିଜ୍ ର ଆବଶ୍ୟକତା ଥିବା ସରକାର ଅବଗତ ଅଛନ୍ତି କି, ଏହି Bridge ର ସଂରକ୍ଷଣ ଦ୍ୱାରା ଉଭୟପଟର ୪ଟି ପଞ୍ଚାୟତର ଜନସାଧାରଣ ସହଜରେ ଯୋଗାଯୋଗ ହୋଇପାରିବ, ଏଣୁ ଏହି ଦୁଇଟି ବ୍ରିଜକୁ ନିର୍ମାଣ କରାଇବେ କି ?

----

## ପରିବାରଙ୍କୁ ପାନୀୟ ଜଳ ଯୋଗାଣ

***684 କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ କେଉଁ କେଉଁ ପ୍ରକଳ୍ପରେ କେତେ ଗ୍ରାମର କେତେ ସଂଖ୍ୟକ, ପରିବାରର କେତେ ଲୋକଙ୍କୁ ମୁଣ୍ଡପିଛା କେତେ ପରିମାଣର ଜଳଯୋଗାଣ ନିମନ୍ତେ କେତେ ବ୍ୟୟ ଅଟକଳରେ କେବେ ସୁଦ୍ଧା କାର୍ଯ୍ୟକ୍ଷମ ନିମନ୍ତେ କେଉଁ ସଂସ୍ଥା ସହ କେବେ ଚୁକ୍ତିନାମା କରାଯାଇଥିଲା, କେଉଁ ପ୍ରକଳ୍ପ କେଉଁ କାରଣରୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ କାର୍ଯ୍ୟକ୍ଷମ ହୋଇପାରି ନାହିଁ, କେବେ ସୁଦ୍ଧା କେଉଁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ତା'ର ସବିଶେଷ ବିବରଣୀ ପ୍ରଦାନ କରିବେ କି, ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇନଥିବା ଠିକା ସଂସ୍ଥା ବିରୁଦ୍ଧରେ କି କି କାର୍ଯ୍ୟାନୁଷ୍ଠାନ କେବେ ଗ୍ରହଣ କରାଯାଇଛି ?

----

## ଜଳ ନିଷ୍କାସନ

***685 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଜଟଣୀ ସହରର ଜଳ ନିଷ୍କାସନ, ଡ୍ରେନେଜ, ସ୍ୱେରେଜ, ରାସ୍ତାଘାଟ ଉନ୍ନତିକରଣ, ବସ୍ତୀ ଉନ୍ନୟନ, ପାର୍କ, ବ୍ୟବସାୟିକ ପ୍ରକଳ୍ପ, ଚିତ୍ତବିନୋଦନ କେନ୍ଦ୍ର, ଆଲୋକୀକରଣ, ବର୍ଜ୍ୟବସ୍ତୁ ପରିଚାଳନାର ସାମୁହିକ ବିକାଶ ପାଇଁ କୌଣସି ସ୍ୱତନ୍ତ୍ର ସହରୀକରଣ ପ୍ଲାନ ପ୍ରସ୍ତୁତ ହୋଇଛି କି, ଯଦି ଉତ୍ତର ନାଁ ହୁଏ, ତାହା ସମ୍ପାଦନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ବଣଭୋଜି ବ୍ୟବସ୍ଥା ସୁସମ୍ପାଦନ

***686 ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ବଲାଙ୍ଗୀର ଜିଲ୍ଲାରେ କେଉଁ କେଉଁ ଜଙ୍ଗଲରେ କେତେଗୋଟି ବଣଭୋଜି ପିଣ୍ଡି ନିର୍ମାଣ ହୋଇଛି, ପ୍ରକାଶ କରି ପ୍ରତ୍ୟେକ ଜଙ୍ଗଲରେ ବଣଭୋଜି ବ୍ୟବସ୍ଥା ସୁସମ୍ପାଦନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପ୍ରକଳ୍ପ ପରିବର୍ତ୍ତନ କରିବା ପାଇଁ ପଦକ୍ଷେପ

***687 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ଓଡ଼ିଶାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଓ ଆମ ଗାଁ ଆମ ବିକାଶ ଯୋଜନରେ ଅନୁମୋଦିତ ପ୍ରକଳ୍ପ ସଂଖ୍ୟା କେତେ ତନ୍ମଧ୍ୟରୁ non feasible ଓ non visible ପ୍ରକଳ୍ପ ସଂଖ୍ୟା କେତେ ଓ ଉକ୍ତ ପ୍ରକଳ୍ପ ଗୁଡ଼ିକରେ ଅନୁମୋଦିତ ହୋଇଥିବା ଅର୍ଥର ବର୍ତ୍ତମାନର ସ୍ଥିତାବସ୍ଥା କଣ ଏବଂ ଉକ୍ତ ପ୍ରକଳ୍ପ ଗୁଡ଼ିକୁ ପରିବର୍ତ୍ତନ କରି feasible and visible ଥିବା ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ କି, (ଖ) ବାଲେଶ୍ୱର ସଦର ବ୍ଲକରେ ଆମ ଓଡ଼ିଶା-ନବୀନ ଓଡିଶା ଯୋଜନାରେ କେତେ ଗୋଟି ପ୍ରକଳ୍ପ କେତେ ଅର୍ଥ ବ୍ୟୟରେ ଅନୁମୋଦିତ ହୋଇଛି ପଂଚାୟତ ୱାରି ସେଗୁଡ଼ିକ ବିବରଣୀ ପ୍ରଦାନ କରିବା ସହ ଅନୁମୋଦିତ ହୋଇଥିବା ପ୍ରକଳ୍ପ ଗୁଡ଼ିକରେ feasible ଓ visible ନଥିବା ପ୍ରକଳ୍ପ ଗୁଡ଼ିକ କଣ କଣ (ଅର୍ଥ/କାର୍ଯ୍ୟ ନାମ) ଏହାର ପଂଚାୟତ ୱାରି ତଥ୍ୟ ପ୍ରଦାନ କରିବା ସହ non feasible ଓ visible project ଗୁଡ଼ିକୁ ପରିବର୍ତ୍ତନ କରିବା ପାଇଁ ସରକାର ନିଷ୍ପତ୍ତି ନେବେ କି ?

----

## ପାଣିର ଗୁଣାତ୍ମକମାନ ରକ୍ଷା

***୬୮୫ ଶ୍ରୀ ଆକାଶ ଦାସନାୟକ (କୋରେଇ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Drink From Tap ଯୋଜନାରେ କେତୋଟି ସହରକୁ ୨୪ x ୭ ପାନୀୟ ଜଳଯୋଗାଣ ହେଉଛି ଏବଂ କେତୋଟି ସହରକୁ ପାନୀୟ ଜଳ ଯୋଗାଣ କରାଯିବ, ପାଣିର ଗୁଣାତ୍ମକ ମାନ ରକ୍ଷା ପାଇଁ କି କି ପଦକ୍ଷେପ ନିଆଯାଇଛି ?

----

## Provide ecological balance in Cuttack - Barabati

***୬୮୨ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(a) Given the increasing urban heat in Barabati-Cuttack, can the government consider planning and establishing an urban forest similar to "Anandabana" to mitigate the heat island effect and provide ecological balance in the constituency; (b) If so, what specific locations within Barabati-Cuttack are being considered for this project, and what is the proposed timeline for its implementation?

----

## ବିଶୁଦ୍ଧ ପାନୀୟଜଳ ଯୋଗାଣ

***୬୨୦ ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେତୋଟି ପଞ୍ଚାୟତ ବିଶୁଦ୍ଧ ପାନୀୟ ଜଳ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି ; କେତୋଟି ପଞ୍ଚାୟତ ଏହି ଯୋଜନାରୁ ବଞ୍ଚିତ ହୋଇଛି ଏବଂ କେବେ ସୁଦ୍ଧା ସବୁ ପଞ୍ଚାୟତକୁ ବିଶୁଦ୍ଧ ପାନୀୟ ଜଳ ଯୋଜନା କାର୍ଯ୍ୟକ୍ଷମ ହେବ?

----